ପ୍ରମେୟ
THE PRAMEYA

DATE.19.04.2017

# ନିସ୍ ମିନି ଏକ୍ସପୋ-୨୦୧୭

ଭୁବନେଶ୍ୱର,୧୮ ।୪(ବ୍ୟୁରୋ): ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ମିନି ଏକ୍ସପୋ-୨୦୧୭ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ସୁଭାଷଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ । ମ୍ୟାନେଜମେଣ୍ଟ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ନିକଟତର ହୋଇ ନିଜକୁ ସାମିଲ କରିବା ଓ ଦକ୍ଷତା ବିକାଶର ପ୍ରଶିକ୍ଷଣ ନେବା ଏହି ଏକ୍ସପୋର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରତିଷ୍ଠାତା ଶ୍ରୀ ନାୟକ ବକ୍ତବ୍ୟରେ କହିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ଡିନ୍ ଡ. ଶ୍ରୁତିକାନ୍ତ ଦିକ୍ଷୀତ, ଡେପୁଟି ଡାଇରେକ୍ଟର ପ୍ରଫେସର ଦୁଷ୍ମନ୍ତ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ନିସ୍ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କର ଅଦମ୍ୟ ଚେଷ୍ଟା ଯୋଗୁଁ ଏଭଳି ଏକ ଉତ୍ସବ ସଫଳ ହୋଇ ପାରିଥିବାରୁ ଶିକ୍ଷାନୁଷ୍ଠାନର ସମ୍ପାଦିକା ସ୍ମୃତିସୁଧା ନାୟକ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ମିନି ଏକ୍ସପୋରେ ୫୨ଟି ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀମାନେ ଯୋଗଦେଇ ଦକ୍ଷତା ପ୍ରତିପାଦିତ କରିବା ସହ ସେମାନଙ୍କର ପ୍ରଚାର ଓ ପ୍ରସାରର ବହୁମୁଖୀ ପାରଦର୍ଶିତା ହାସଲ କରିଥିଲେ ବୋଲି ପ୍ରଶାସନିକ ଅଧିକାରୀ ପିତାମ୍ବର ବସନ୍ତୀ ପ୍ରକାଶ କରିଛନ୍ତି ।

